# NATIONAL NEWS BULLETIN (ODIA)

## 30th November - 2025

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଦେଶରେ ୩୫୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସହ ନୂତନ ମାଇଲ୍‌ଖୁଣ୍ଟ ସ୍ଥାପନ ହୋଇଛି ।

— ଆକାଶବାଣୀର ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ ।

- ପୁଲିସ୍ ପ୍ରତି ଜନସାଧାରଣଙ୍କ ଧାରଣା ପରିବର୍ତ୍ତନର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ।

- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ଶୀତକାଳୀନ ଅଧିବେଶନ ।

— ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସଂସଦର ସୁପରିଚାଳନା ନେଇ ଆଲୋଚନା ।

ଏବଂ

- ଜାପାନକୁ ପରାସ୍ତ କରି ଭାରତ ହାସଲ କଲା ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ମହିଳା ଡବଲ୍‌ସ ଟାଇଟଲ୍ ।

## ମନ୍ କୀ ବାତ୍

କୃଷିକ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ପ୍ରଗତି ହାସଲ କରୁଛି। ୩୫୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସହ ଦେଶ ଏ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ନୂତନ ଚିନ୍ତାଧାରା ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହେଉଛି। ହାଇଦ୍ରାବାଦରେ ବିଶ୍ୱର ସର୍ବବୃହତ୍ ଲିପ୍ ଇଞ୍ଜିନ୍ ଏମ୍‌ଆର୍‌ଓ ସୁବିଧାର ଉଦ୍‌ଘାଟନ, ଭାରତୀୟ ନୌସେନାରେ ଆଇଏନ୍‌ଏସ୍ ମାହେ ସାମିଲ ହେବା ତଥା ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସର ଉଦ୍‌ଘାଟନ ଦେଶର ବିକାଶର ପ୍ରତୀକ।

*Voice :...........*

ପ୍ରଧାନମନ୍ତ୍ରୀ କହିଛନ୍ତି ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ୍ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ, ଅଯୋଧ୍ୟାରେ ଶ୍ରୀରାମଲାଲା ମନ୍ଦିରରେ ଧ୍ୱଜାରୋହଣ ତଥା

କୁରୁକ୍ଷେତ୍ରର ଜ୍ୟୋତିସରରେ ପଞ୍ଚଜନ୍ୟ ସ୍ମାରକୀ ଉଦ୍‌ଘାଟନ ଭଳି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ପ୍ରଧାନମନ୍ତ୍ରୀ କୁରୁକ୍ଷେତ୍ରର ବ୍ରହ୍ମସରୋବରରେ ଆୟୋଜିତ ଅନ୍ତର୍ଜାତୀୟ ଗୀତା ମହୋତ୍ସବ ବିଷୟରେ ମଧ୍ୟ ଆଲୋକପାତ କରିଛନ୍ତି। ଇସ୍ରୋ ପକ୍ଷରୁ ଆୟୋଜିତ ଡ୍ରୋନ୍ ପ୍ରତିଯୋଗିତା ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ଯୁବପିଢ଼ୀଙ୍କ ପାଇଁ ସମର୍ପିତ ଏହି ପଦକ୍ଷେପ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। 'ମନ୍ କି ବାତ୍'ରେ ଦେଶ ମହୁ ଉତ୍ପାଦନରେ ନୂତନ ରେକର୍ଡ ସ୍ଥାପନ କରିଥିବା ଶ୍ରୀ ମୋଦୀ କହିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଦେଶରେ ମହୁ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି। ତେବେ କିଛି ବର୍ଷ ମଧ୍ୟରେ ମହୁ ରପ୍ତାନୀ ତିନିଗୁଣରୁ ଅଧିକ ବୃଦ୍ଧି ପାଇବା ସହ 'ମଧୁ ମିଶନ' କାର୍ଯ୍ୟକ୍ରମରେ ମହୁଚାଷୀଙ୍କ ଆର୍ଥିକ ଉନ୍ନତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ପି.ଏମ୍. - ଡି.ଜି.ପି. କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ବୃତ୍ତିଗତ, ସମ୍ବେଦନଶୀଳତା ଏବଂ ପ୍ରତିକ୍ରିୟାଶୀଳତା ମନୋଭାବ ବୃଦ୍ଧି କରି ପୁଲିସ୍ ପ୍ରତି ଜନସାଧାରଣଙ୍କ ଧାରଣା ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ ସହରାଞ୍ଚଳର ପୁଲିସ ବ୍ୟବସ୍ଥାର

ସୁଦୃଢ଼ୀକରଣ, ପର୍ଯ୍ୟଟନ ପୁଲିସ୍ କାର୍ଯ୍ୟକୁ ପୁନଃ ଜାଗରଣ କରିବା ଏବଂ ନୂତନ ପ୍ରଣୀତ ଅପରାଧିକ ଆଇନ ସମ୍ପର୍କରେ ଜନ ସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରିଛନ୍ତି । ଛତିଶଗଡ଼ର ରାୟପୁରଠାରେ ପୁଲିସ ମହାନିର୍ଦ୍ଦେଶକମାନଙ୍କ ୬୦ତମ ଅଖିଳ ଭାରତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଆଜି ଅଧ୍ୟକ୍ଷତା କରି ଜନବସତିହୀନ ଦ୍ୱୀପପୁଞ୍ଜଗୁଡ଼ିକୁ ସମନ୍ୱିତ କରିବାପାଇଁ ଅଭିନବ ରଣନୀତି ଗ୍ରହଣ, ସମନ୍ୱିତ ଡାଟାବେସ୍‌ର ବ୍ୟବହାର ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ କାର୍ଯ୍ୟାନ୍ୱୟନ ବୁଦ୍ଧିମତ୍ତା ସୃଷ୍ଟି କରିବାପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୁଲିସ ତଦନ୍ତ ସମୟରେ ଫରେନ୍‌ସିକ୍ ବ୍ୟବହାର ଉପରେ ଟିକିନିଖି ଯାଞ୍ଚ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହି ଫରେନ୍‌ସିକ ପ୍ରୟୋଗ ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ’ ବେଆଇନ ସଙ୍ଗଠନଗୁଡ଼ିକର ନିୟମିତ ଯାଞ୍ଚ୍ ପାଇଁ କୌଶଳ, ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏବଂ ଉପକୂଳ ସୁରକ୍ଷା ବ୍ୟବସ୍ଥା ଦୃଢ଼ୀଭୂତ କରିବାପାଇଁ ଅଭିନବ ଢାଞ୍ଚା ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନିଶାଦ୍ରବ୍ୟ ଚୋରା କାରବାରର ମୁକାବିଲାପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହାକି କାର୍ଯ୍ୟକାରିତା, ଥଇଥାନ ଏବଂ ଗୋଷ୍ଠୀସ୍ତରୀ ହସ୍ତକ୍ଷେପକୁ ଏକତ୍ରିତ କରିବାରେ ସହାୟକ ହେବ । “ବିକଶିତ

ଭାରତ : ସୁରକ୍ଷିତ ଦିଗ” ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟତଃ ଜାତୀୟ ସୁରକ୍ଷା ସମ୍ପର୍କିତ ସମ୍ପର୍କ ଉପରେ ଆଲୋଚନା ହୋଇଥିଲା । ୨୦୪୭ର ଲକ୍ଷ ପୂରଣ ଦିଗରେ ପୁଲିସ ପ୍ରଶାସନର ଦୀର୍ଘକାଳୀନ ରୂପରେଖ, ଆତଙ୍କବାଦ ବିରୋଧୀ ଏବଂ ମୌଳବାଦ ବିରୋଧ ଧାରା, ମହିଳା ସୁରକ୍ଷା ବୃଦ୍ଧିପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ବିଦେଶରେ ଥିବା ଭାରତୀୟ ପଳାତକଙ୍କୁ ଫେରାଇ ଆଣିବା ଲାଗି ରଣନୀତି ଏବଂ ଫରେନ୍‌ସିକ୍ କ୍ଷମତା ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା ।

ବାତ୍ୟା ‘ଦିତ୍‌ୱା’ ସମେତ ପ୍ରାକୃତିକ ବିପର୍ଯ୍ୟୟ, ଘୂର୍ଣ୍ଣିଝଡ଼, ବନ୍ୟା ଓ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତର ପରିଚାଳନାପାଇଁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରିବା ନିମନ୍ତେ ପୁଲିସ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗୁଇନ୍ଦା ବ୍ୟୁରୋର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବାପାଇଁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରିଥିଲେ । ସେହିପରି ସହରାଞ୍ଚଳ ପୁଲିସ ବ୍ୟବସ୍ଥାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ଟି ସହରକୁ ପୁରସ୍କାର ପ୍ରଦାନ କରିଥିଲେ । ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଡି.ଏସ୍.ପି., ଆଇ.ଜି. ଏବଂ କ୍ଷେତ୍ର ପୁଲିସ୍ ସଙ୍ଗଠନର ମୁଖ୍ୟମାନେ ଅଂଶଗ୍ରହଣ କରିବା ସହ ୭୦୦ରୁ ଅଧିକ ପୁଲିସ୍ ଅଧିକାରୀ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ ।

## ଭି.ପି. - କୁରୁକ୍ଷେତ୍ର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଛାତ୍ରଛାତ୍ରୀମାନଙ୍କୁ ଗବେଷଣା, ନବସୃଜନ ଏବଂ ଭାରତର ସମସ୍ୟା ସମାଧାନ ପନ୍ଥା ଦୃଢ଼ୀଭୂତ କରିବା ଲାଗି ଆହ୍ୱାନ ଦେଇଛନ୍ତି । କୁରୁକ୍ଷେତ୍ରସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ବିଂଶତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦୀର୍ଘସ୍ଥାୟୀ ନିର୍ମାଣକାରୀ ବ୍ୟବସ୍ଥା, କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା, କୃଷି ନବସୃଜନ ଏବଂ ସବୁଜ ଭିତ୍ତିଭୂମି କ୍ଷେତ୍ରରେ ଯୁବ ନବସୃଜନକାରୀମାନଙ୍କର ଜ୍ଞାନର ବିକାଶର ଆବଶ୍ୟକତା ରହିଛି । ସେ କୃତ୍ରିମ ବୁଦ୍ଧିମତ୍ତା, ନବୀକରଣ ଶକ୍ତି ବ୍ୟବସ୍ଥା, ମହାକାଶ ବିଜ୍ଞାନ, ଜୈବ ପ୍ରଯୁକ୍ତିବିଦ୍ୟା, ସାଇବର ସୁରକ୍ଷା ଏବଂ ସେମିକଣ୍ଡକ୍ଟରର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଗଭ୍ - ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେସନ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ

୩୬ଟି ବିଭିନ୍ନ ରାଜନୈତିକ ଦଳର ୫୦ ଜଣ ନେତା ଅଂଶଗ୍ରହଣ କରିଥିଲେ । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଏହି ବୈଠକ ସକରାତ୍ମକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ପକ୍ଷରୁ ଶୀତକାଳୀନ ଅଧିବେଶନ ସମୟରେ ଉଭୟ ସଦନରେ ସୁଚାରୁରୂପେ ଏବଂ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନପାଇଁ ସମସ୍ତ ଦଳୀୟ ନେତାଙ୍କ ସହଯୋଗ କାମନା କରାଯାଇଥିଲା ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଏହି ଅଧିବେଶନ କାଳରେ ୧୪ଟି ବିଧେୟକ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଗୃହର ନିୟମ ଅନୁଯାୟୀ ସରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନାପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅଧିବେଶନ କାଳରେ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ମତାମତ ଉପସ୍ଥାପନ କରିବାର ସମ୍ଭାବନା ରହିଛି ଏବଂ ସେମାନେ ସରକାରଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍, ଡକ୍ଟର ଏଲ୍. ମୁରୁଗାନ ଏବଂ କଂଗ୍ରେସ ପକ୍ଷରୁ ଗୌରବ ଗୋଗୋଇ, ଡି.ଏମ୍.କେ. ନେତା ତିରୁଚି ଶିବା, ଟି.ଏମ୍.ସି. ନେତା ଡେରେକ ଓ ବ୍ରିଏନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନ କାଳରେ ୧୯ ଦିନ ମଧ୍ୟରେ ୧୫ଟି କାର୍ଯ୍ୟଦିବସ ରହିଛି ।

## ନଡ୍ଡା - ଏଡ୍‌ସ ଡେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆସନ୍ତାକାଲି ବିଶ୍ୱ ଏଡ୍‌ସ ଦିବସ-୨୦୨୫ର ଜାତୀୟସ୍ତରୀୟ ପାଳନ ଉତ୍ସବର ନେତୃତ୍ୱ ନେବେ । ଏଚ୍.ଆଇ.ଭି.ର ପ୍ରତିକାରମୂଳକ ଚିକିତ୍ସା, ଯତ୍ନ, ଏବଂ ଷ୍ଟିଗ୍‌ମା ଦୂରୀକରଣ ଦିଗରେ ଜାତୀୟ ସ୍ତରରେ ଉନ୍ନତ ବ୍ୟବସ୍ଥା କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଇବା ଏହି ଦିବସ ପାଳନର ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନେତା, ବିକାଶଶୀଳ ଅଂଶୀଦାର, ଯୁବ ପ୍ରତିନିଧି, ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏକତ୍ର କରାଯିବ । ଜନସାଧାରଣଙ୍କ ମଧ୍ୟରେ ଏଡ୍‌ସ ଭଳି ସ୍ୱସ୍ଥ୍ୟ ଆତଙ୍କର ମୂଳପୋଛ କରିବାପାଇଁ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ଲାଗି ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏହି ଅବସରରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା - NACO ଅଧୀନରେ ଏକ ନୂତନ ପ୍ରଚାର ଭିଡ଼ିଓ ସିରିଜ୍‌ର ଶୁଭାରମ୍ଭ କରାଯିବ । ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ଶୀଘ୍ର ପରୀକ୍ଷଣ, ଚିକିତ୍ସା ଏବଂ ବିଶ୍ୱାସର ସହ

ଜୀବନ ଯାପନର ବିଶେଷତ୍ୱକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ ।

## ମୁମ୍ବାଇ - କ୍ରୀଡ଼ା ମହୋତ୍ସବ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଉତ୍ତର ମୁମ୍ବାଇର ବୋରିଭାଲିଠାରେ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ସାଂସଦ କ୍ରୀଡ଼ା ମହୋତ୍ସବ ଆଜି ଉଦ୍‌ଘାଟନ କରିଛନ୍ତି । ଶ୍ରୀ ଗୋୟଲ୍ ଏହିକୁ ଏକ ପ୍ରୋତ୍ସାହନମୂଳକ ଓ ଅନନ୍ୟ କ୍ରୀଡ଼ା ମହୋତ୍ସବ ବୋଲି ବର୍ଣ୍ଣନା କରିଛନ୍ତି । ମହୋତ୍ସବପାଇଁ କାର୍ଯ୍ୟ କରୁଥିବା ପ୍ରଶିକ୍ଷକ, ପ୍ରତିଯୋଗୀ ଏବଂ ଅଭିଭାବକ ଏବଂ ସଙ୍ଗଠକମାନଙ୍କୁ ପ୍ରଶଂସା କରିଛନ୍ତି । ଏଥିରେ ୪୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସହ ୫୦ ମିଟର ଓ ୧୦୦ ମିଟର ଦୌଡ଼, ସଟ୍‌ପୁଟ୍, ଲଙ୍ଗ୍‌ଜମ୍ପ, ଭାରୋତ୍ତଳନ ଏବଂ କ୍ରିକେଟ୍ ପ୍ରତିଯୋଗିତା ହେବ ।

ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରି ଶ୍ରୀ ଗୋୟଲ କହିଛନ୍ତି, କ୍ରୀଡ଼ା ହେଉଛି କେବଳ ବିଜୟ ଏବଂ ଶିକ୍ଷାଗ୍ରହଣର ମାଧ୍ୟମ । ଉତ୍ତର ମୁମ୍ବାଇର ଶାରୀରିକ ଅକ୍ଷମ ଯୁବବର୍ଗ ଆଗାମୀ ଭବିଷ୍ୟତରେ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଶ୍ରୀ ଗୋୟଲ୍ ଆଶା ପ୍ରକାଶ କରିଛନ୍ତି । ଏଥି ନିମନ୍ତେ ଉନ୍ନତ ପ୍ରଶିକ୍ଷଣ ବ୍ୟବସ୍ଥା, ପ୍ରଶିକ୍ଷକ

ସୁବିଧା, କ୍ରୀଡ଼ା ଦକ୍ଷତା ବିକାଶପାଇଁ ଯୋଜନାବଦ୍ଧ ରଣନୀତିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ସାଇକ୍ଲୋନ ଦିତ୍ୱା

ବାତ୍ୟା 'ଦିତ୍ୱା' ବର୍ତ୍ତମାନ ତାମିଲ୍‌ନାଡୁ ଓ ପୁଦୁଚେରୀ ଉପକୂଳରୁ ୮୦ କିଲୋମିଟର ଉପକୂଳରେ ଥିବାବେଳେ ଆସନ୍ତା ୩ ଘଣ୍ଟା ମଧ୍ୟରେ ଏହା ଦୁର୍ବଳ ହୋଇ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ ଭାଗ ଏବଂ ତାମିଲନାଡୁ-ପୁଦୁଚେରୀ ନିକଟବର୍ତ୍ତୀ ଅଞ୍ଚଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଆଜି ଘୂର୍ଣ୍ଣିଝଡ଼ 'ଦିତ୍ୱା' ଗତ ୬ ଘଣ୍ଟା ମଧ୍ୟରେ ୫ କିଲୋମିଟର ବେଗରେ ଉତ୍ତରାଭିମୁଖୀ ହୋଇ ଗତି କରୁଛି । ଆଜି ମଧ୍ୟରାତ୍ର ସୁଦ୍ଧା ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ୩୦ କିଲୋମିଟର ଦୂରରେ ଉତ୍ତର ତାମିଲ୍‌ନାଡୁ-ପୁଦୁଚେରୀ ଉପକୂଳରେ କେନ୍ଦ୍ରୀଭୂତ ହେବାର ସମ୍ଭାବନା ରହିଛି ।

## ସାଉଥ୍-ଇଷ୍ଟ ଏସିଆ - ଫ୍ଲଡ୍, ଲ୍ୟାଣ୍ଡସ୍ଲାଇଡ୍

ଦକ୍ଷିଣ-ପୂର୍ବ ଏସିଆର ୩ଟି ଦେଶରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୫୦୦କୁ ବୃଦ୍ଧି ପାଇଛି । ଇଣ୍ଡୋନେସିଆରେ

୩୩୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଥାଇଲାଣ୍ଡରେ ୧୭୦ ଏବଂ ମାଲେସିଆରେ ୨ ଜଣଙ୍କର ମୃତ୍ୟୁ ଘଟିଛି ।

ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକର ଉଦ୍ଧାର ଓ ରିଲିଫ୍ ଅଧିକାରୀମାନେ ଆଜି ମଧ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ଉଦ୍ଧାର କରିବାପାଇଁ ଲାଗିଛନ୍ତି । ୪ ନିୟୁତରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି ।

## ସୟଦ ମୋଦି ବ୍ୟାଡ୍‌ମିଣ୍ଟନ୍

ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା-୨୦୨୫ର ମହିଳା ଡବଲ୍‌ସ୍‌ରେ ଭାରତର ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଆଜି ଟାଇଟଲ୍ ହାସଲ କରିଛନ୍ତି । ଫାଇନାଲ୍ ପର୍ଯ୍ୟାୟରେ ଏହି ଯୋଡ଼ି ଜାପାନର କାହୋ ଓସାୱା ଓ ମାଇ ତାନାବେଙ୍କ ଯୋଡ଼ିକୁ ୧୭-୨୧, ୨୧-୧୩ ଓ ୨୧-୧୫ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ପୂର୍ବରୁ ଏହି ଭାରତୀୟ ଯୋଡ଼ି ମାଲୋସିଆ ଯୋଡ଼ିଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

# କ୍ରିକେଟ୍

ରାଞ୍ଚିରେ ଚାଲିଥିବା ଭାରତ-ଦକ୍ଷିଣ ଆଫ୍ରିକା ଚଳିତ ଦିନିକିଆ ପୁରୁଷ ବର୍ଗ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ୱିକେଟ୍ ହରାଇ ୩୪୯ ରନ୍ ସଂଗ୍ରହ କରିଛି । ଦକ୍ଷିଣ ଆଫ୍ରିକା ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୧୬ ଓଭର୍‌ରେ ୪ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୧୩୫ ରନ୍ କରିଥିବାବେଳେ କେ.ଏଲ୍. ରାହୁଲ ୬୦ ଏବଂ ରୋହିତ ଶର୍ମା ୫୭ ରନ୍ ସଂଗ୍ରହ କରିଛନ୍ତି ।

*****